ODM EDUCATIONAL GROUP
Changing your Tomorrow

MORNING PRAYER

CHANGING YOUR TOMORROW

Website: www.odmegroup.org
Email: info@odmps.org
Toll Free: **1800 120 2316**
Sishu Vihar, Infocity Road, Patia, Bhubaneswar- 751024

ODM PUBLIC SCHOOL

SESSION :11

CLASS :3

SUBJECT : ODIA

CHAPTER NUMBER: 14

CHAPTER NAME : ଖରା ,ବର୍ଷା ,ଶୀତ

SUBTOPIC : ଅଭ୍ୟାସ – ୧୧ ଆସ ମାସ ଓ ଋତୁର ନାମ ଜାଣିବା ଓ ଲେଖିବା

CHANGING YOUR TOMORROW

Website: www.odmegroup.org
Email: info@odmps.org
Toll Free: 1800 120 2316
Sishu Vihar, Infocity Road, Patia, Bhubaneswar- 751024

ଅଧ୍ୟୟନର ଉଦ୍ଦେଶ୍ୟ –

ପିଲାମାନଙ୍କର ଶ୍ରବଣ ,କଥନ,ପଠନ,ଲିଖନ,ବିଭିନ୍ନ ଋତୁ ଓ ମାସ ବିଷୟରେ ସୂଚନା ଦେବା |

ଖରା ,ବର୍ଷା,ଶୀତ

ODM EDUCATIONAL GROUP

ଗାଁଟିର ନାଁ ମୁକ୍ତାପୁର । ସେହି ଗାଁରେ ପ୍ରାୟ ଶହେ ଘର । ଭକ୍ତବନ୍ଧୁ ଗାଁ'ର ସବୁଠୁ ଧନୀବ୍ୟକ୍ତି । ତାଙ୍କ ନାତୁଣୀର ନାଁ ତୃପ୍ତି ।

: ଜେଜେ, ଏତେ ଗରମ କାହିଁକି ହେଉଛି ?

: ଖରାଦିନେ ଖରା ହେବନି ତ କ'ଣ ହେବ ?

: ଆଜି କାଲି କ'ଣ ଶୀଘ୍ର ସନ୍ଧ୍ୟା ହେଉ ନାହିଁ ?

: ଖରାଦିନେ ଦିନ ବଡ଼ ହୁଏ । ସୂର୍ଯ୍ୟ ବଡ଼ିଭୋରରୁ ଉଦୟ ହୁଅନ୍ତି । ଡେରିରେ ଅସ୍ତ ଯାଆନ୍ତି । ଖରାଯୋଗୁଁ ଗଛପତ୍ର ଝାଉଁଳି ଯାଏ ।

: ଗଛପତ୍ର କାହିଁକି ଝାଉଁଳି ଯାଉଛି ?

: ଅଧିକ ଗରମ ଯୋଗୁଁ ନଈ, ନାଳ ଶୁଖିଯାଏ । ଗରମପବନ ବହେ । ବର୍ଷା ହୁଏ ନାହିଁ । ପାଣି ନପାଇ ଗଛପତ୍ର ଝାଉଁଳି ଯାଏ । ମାଟି ଶୁଖିଯାଏ । ଏ ସମୟରେ ଜମି ହଳ କରାଯାଏ ।

ODM EDUCATIONAL GROUP

: ଜେଜେ, ଏହି ଖରାଦିନରେ କେଉଁ କେଉଁ ଫଳ ହୁଏ ?

: ଖରାଦିନରେ ଆମ୍ବ, ପଣସ, ସପୁରି, ଜାମୁକୋଳି ପାଚେ । ଏଗୁଡ଼ିକ ଖରାଦିନିଆ ଫଳ ।

ଖରାଦିନେ କେଉଁସବୁ ଫୁଲ ଫୁଟେ ?

: ମଲ୍ଲୀ, ମାଳତୀ, ଟଗରଫୁଲ ଫୁଟେ ।

ପୁଣି କେବେ ବର୍ଷା ହେବ ?

: ରଜପର୍ବ ଓ ଶୀତଳଷଷ୍ଠୀ ବେଳକୁ ବର୍ଷା ହେବ । ବର୍ଷାଦିନ ତତେ କେମିତି ଲାଗେ ?

: ଛି, ଚାରିଆଡ଼େ କାଦୁଅ ପଚ୍‌ପଚ୍ । ବେଳେବେଳେ ସପ୍ତାହ ସପ୍ତାହ ଧରି ବର୍ଷା ହୁଏ । ଝଡ଼ିବର୍ଷା ହେଲେ ଖେଳିପାରେ ନାହିଁ । ନଈବଢ଼ି ହୁଏ । ସ୍କୁଲ୍ ଯିବାକୁ ଅସୁବିଧା । କାଗଜଡଙ୍ଗା ଭସାଏ, କିନ୍ତୁ ବେଶୀ ଭଲ ଲାଗେ ନାହିଁ ।

: ନା, ନା, ସେମିତି କହନା । ବର୍ଷା ନହେଲେ ମରୁଡ଼ି ହେବ । ପାଣି ପଡ଼ିବାରୁ ଗରମ କମିଯାଏ । ବର୍ଷାହେଲେ ଧାନବୁଣା ହୁଏ । ଧାନ ନହେଲେ ଲୋକେ ଖାଇବେ କ'ଣ ? ଗଛର ପତ୍ର କଅଁଳେ । ବର୍ଷାଦିନେ ଭେଣ୍ଡି, ଜହ୍ନି, ସାରୁ, କାଙ୍କଡ଼, ଛଚିନ୍ଦ୍ରା ମିଳେ । ସବୁଜପରିବାରେ ମଜା ଅଛି ନା । ଶୀତଦିନେ ଧାନ ଅମଳ ହୁଏ । ବସ୍ତାବସ୍ତା ଧାନପାଇ ଚାଷୀ ଖୁସି ହୁଏ ।

: ଆଚ୍ଛା ଜେଜେ, ଶୀତରୁ କିପରି ରକ୍ଷାମିଳେ ?

: ଶୀତଦିନେ ଅଧିକ ଥଣ୍ଡା ହୁଏ। ଆମେ ଶୀତପୋଷାକ ପିନ୍ଧୁ। ନିଆଁ ଜଳାଇ ତା' ପାଖରେ ବସୁ।

: ଜେଜେ, କେବଳ କ'ଣ ଆମକୁ ଶୀତ ହୁଏ ? ପକ୍ଷୀମାନଙ୍କୁ କ'ଣ ଶୀତ ହୁଏ ନାହିଁ ? ସେମାନେ ଶୀତରେ କିପରି ରହନ୍ତି ?

: ହଁ, ପକ୍ଷୀ ମାନଙ୍କୁ ଏତେ ଶୀତ ହୁଏ ଯେ ସେମାନେ ଅଧିକ ଶୀତ ହେଉଥିବା ଅଂଚଳରୁ, କମ୍ ଶୀତ ହେଉଥିବା ଅଞ୍ଚଳକୁ ଉଡ଼ି ଆସନ୍ତି।

୧୧। ଆସ ଗାଇବା, ଓଡ଼ିଆ ମାସ ଓ ଋତୁମାନଙ୍କୁ ଲେଖିବା ।

ଗ୍ରୀଷ୍ମେ ବୈଶାଖ ଜ୍ୟେଷ୍ଠ ମାସ,
ପ୍ରଚଣ୍ଡ ରୌଦ୍ର ପରକାଶ ।

ବର୍ଷାରେ ଆଷାଢ଼ ଶ୍ରାବଣ
ମେଘ ବରଷେ ଘନଘନ ।

ଭାଦ୍ର ଆଶ୍ୱିନ ଶରତରେ,
ନିର୍ମଳ ଶୋଭା ଜଗତରେ ।

ହିମେ କାର୍ତ୍ତିକ ମାର୍ଗଶିର,
ରାତିରେ ପଡ଼ଇ ଶିଶିର ।

ଶୀତରେ ପୌଷ ମାଘମାସ,
ହେହରେ ରଖ ଶୀତବାସ ।

ଫାଲଗୁନ୍ ଚୈତ୍ର ବସନ୍ତରେ,
ମୃଦୁ ମଳୟ ମନ ହରେ ।

ବାରମାସର କଥା ଏଇ
ହେଜ ବାଳକେ ମନ ଦେଇ ।

– ମଧୁସୂଦନ ରାଓ

ODM EDUCATIONAL GROUP
PATHAGARA.ODI...
By OdiaPortal.IN

ଆମ ଓଡ଼ିଆ ମାସଗୁଡ଼ିକ ହେଲା :

________, ________, ________, ________,
________, ________, ________, ________,
________, ________, ________, ________ ।

ଆମ ଋତୁଗୁଡ଼ିକ ହେଲା :

________, ________, ________, ________, ________, ________

ଆମ ଓଡ଼ିଆ ମାସଗୁଡ଼ିକ ହେଲା :

ବୈଶାଖ	ଜ୍ୟେଷ୍ଠ	ଆଷାଢ଼	ଶ୍ରାବଣ
ଭାଦ୍ରବ	ଆଶ୍ୱିନ	କାର୍ତ୍ତିକ	ମାର୍ଗଶିର
ପୌଷ	ମାଘ	ଫାଲଗୁନ	ଚୈତ୍ର

ଆମ ଋତୁଗୁଡ଼ିକ ହେଲା :

ଗ୍ରୀଷ୍ମଋତୁ ,ବର୍ଷାଋତୁ,ଶରତଋତୁ,ହେମନ୍ତଋତୁ ,ଶୀତଋତୁ ଓ ବସନ୍ତଋତୁ

ODM EDUCATIONAL GROUP

ଆସ ଖେଳ ଖେଳିବା

https://wordwall.net/resource/26433660

ଗୃହକର୍ମ

ଶ୍ରେଣୀ ଫର୍ଦ୍ଦଟିକୁ ମନେରଖ |

ଲବ୍ଧ ଜ୍ଞାନର ଫଳାଫଳ-

ପିଲାମାନଙ୍କର ଶ୍ରବଣ,କଥନ,ପଠନ ଓ ଲିଖନ ଶୈଳୀର ଅଭିବୃଦ୍ଧି ଘଟିବ |

THANKING YOU

ODM EDUCATIONAL GROUP